# ପିଲାଙ୍କ ଧରିତ୍ରୀ

ଶନିବାର, ୨ ମାର୍ଚ୍ଚ, ୨୦୧୯





୪ ତୁମ ତୂଳୀରୁ

୭ ଜଣା -ଅଜଣା

୮ ଆଇନା

କବିତା ୬



# ମତାମତ

- ପୃଷ୍ଠା ୩ରେ ପ୍ରକାଶ ପାଇଥିବା ପରୀକ୍ଷା ପ୍ରସ୍ତୁତି ଓ ଏଥିପାଇଁ ଟିପ୍ସ ବେଶ୍ ଉପାଦେୟ ଥିଲା।

  – ଲଳିତ କୁମାର ପାତ୍ର, କୋଟପାଡ, କୋରାପୁଟ

- ସୃଜନାତ୍ମକ କଳା ସ୍ତମ୍ଭଟି ଭଲ ଲାଗୁଛି। ଆସ ଖୋଜିବା କରିବାକୁ ମଜା ଲାଗିଲା।

  – ପରିଣିତା ସାହୁ, ନିମାପଡା, ପୁରୀ

- ଆଇନା ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଥିଲା। ବିଜ୍ଞାନ କଥାରେ ପ୍ରକାଶ ପାଇଥିବା ରିଶି ଓ ବିଜୁଳି ଶକ୍ତି ବେଶ୍ ଶିକ୍ଷଣୀୟ ଥିଲା।

  – ଅଙ୍କିତା ମହାପାତ୍ର, ସୋର, ବାଲେଶ୍ୱର

- ପିଲାଙ୍କ ପାଇଁ ପରୀକ୍ଷା ଟିପ୍ସ ପଢି ଭଲ ଲାଗିଲା। ଅନ୍ୟ ପିଲାଙ୍କ ପରୀକ୍ଷା ପ୍ରସ୍ତୁତି ମଧ୍ୟ ଜାଣିବାକୁ ମିଳିଲା।

  – ରୋହିତ, ସଙ୍କେତ, ଫୁଲନଖରା, କଟକ

# ଗପ: ମହା ଶିବରାତ୍ରି

● ଡ.ଗଙ୍ଗୋତ୍ରୀ ଦେବୀ

ପିଲାମାନେ, ତିଥି ଅନୁଯାୟୀ ପ୍ରତିବର୍ଷ ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀକୁ ଶିବରାତ୍ରି ଭାବରେ ଆମ ଦେଶରେ ପାଳନ କରାଯାଏ। ଏହିଦିନ ଯେଉଁମାନେ ମହାଦେବଙ୍କୁ ଭକ୍ତିର ସହ ପୂଜା କରିଥାଆନ୍ତି, ସେମାନଙ୍କର ସମସ୍ତ ମନକାମନା, ସୌଭାଗ୍ୟ, ସମୃଦ୍ଧି, ସନ୍ତାନଙ୍କ ଉନ୍ନତି ଓ ଆରୋଗ୍ୟ ପ୍ରାପ୍ତି ହୋଇଥାଏ। ପୁରାଣରେ ବର୍ଣ୍ଣିତ ଅଛି ଯେ, ବର୍ଷର ଏହି ଗୋଟିଏ ଦିନ, ଯାହା ମହାଶିବରାତ୍ରି ଭାବରେ ଖ୍ୟାତ, ତାହା ଦେବ ଦେବ ମହାଦେବଙ୍କର ପ୍ରିୟଦିନ। ଏହିଦିନକୁ ଭୋଳାନାଥଙ୍କ ଜନ୍ମଦିବସ ଭାବରେ କେହି କେହି ବିବେଚନା କରିଥାଆନ୍ତି। ମହାଶିବରାତ୍ରି ଦିନ ବ୍ରତ ରଖି, ଉପବାସ ରହି ଉଜାଗର ରହିଲେ, ସକଳ ପାପ ନାଶହୋଇ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେ ସମ୍ବନ୍ଧରେ ଛୋଟ ଗପଟିଏ ଶୁଣ।

ପୂର୍ବକାଳରେ ଚିତ୍ରଭାନୁ ନାମରେ ଜଣେ ଶିକାରୀ ଶିକାର ଉଦ୍ଦେଶ୍ୟରେ ବଣକୁ ଯାଇଥିଲା। ବୁଲିବୁଲି ଶିକାରଟିଏ ପାଇଲା ନାହିଁ। ଭୋକଉପାସ ଓ ହତାଶରେ କ'ଣ କରିବ ବୋଲି ଥଳକୂଳ ପାଇଲା ନାହିଁ। ଏଣେ ଅନ୍ଧାର ହୋଇ ଆସିଲାଣି। କୁଆଡ଼େ ଯିବ ବୋଲି ପାଖରେ ଥିବା ଏକ ବେଲବୃକ୍ଷ ଉପରକୁ ଚଢ଼ି ତା'ର ଶାଖାରେ ବସି ରହିଲା। ଯୋଗକୁ ସେଦିନ ମହା ଶିବରାତ୍ରି ଥିଲା। ବୃକ୍ଷତଳେ ଏକ ଶିବଲିଙ୍ଗ ଶୁଖିଲାପତ୍ର ଦ୍ୱାରା ଢାଙ୍କି ହୋଇ ରହିଥିଲେ। ଶିକାରୀ ତ ଏକଥା ଜାଣି ନ ଥିଲା। ଏଣେ ଭୋକରେ ନିଦ ଆସିବ କୁଆଡୁ ? ଏପଟ ସେପଟ ହେଉଥାଏ। ଫଳରେ ବୃକ୍ଷରୁ ବେଲପତ୍ରମାନ ଶିବଲିଙ୍ଗ ଉପରେ ପଡୁଥାଏ। ପରିବାର କଥା ଭାବି ଭାବି ତା' ଆଖିରୁ ବୋହୁଥିବା ଲୁହ ଶିବଲିଙ୍ଗ ଉପରେ ପଡୁଥାଏ, ଯଦ୍ଦ୍ୱାରା ଶିବଙ୍କ ସାନ୍ନିଧ୍ୟ ଲାଭ ଓ ବେଲପତ୍ର ଶିବଲିଙ୍ଗଙ୍କ ଉପରେ ପଡ଼ି ଶିବରାତ୍ରିର



ପ୍ରଥମ ପ୍ରହର କଟିଗଲା। ଚାରିପ୍ରହର ମଧ୍ୟରେ ସେ ସେହିଠାରେ ନିଜ ଭିତରେ ଆତ୍ମଜ୍ଞାନର ସନ୍ଧାନ ପାଇଲା ଓ 'ଜୀବେଦୟା' ପ୍ରକୃତିର ବନ୍ଦନାର ଗୂଢ଼ ରହସ୍ୟ ଜାଣିପାରିଲା। ସକାଳ ହେଲା। ସେ ବୃକ୍ଷରୁ ଓହ୍ଲାଇ ସେହି ବୃକ୍ଷ ତଳେ ମଥା ମାଡ଼ି ଛଳଛଳ ଆଖିରେ ନିଜ ଗୃହ ଅଭିମୁଖେ ଚାଲିଲା। ସେହିଦିନଠାରୁ ସେ ପ୍ରତି ମହାଶିବରାତ୍ରିକୁ ଉଜାଗର ରହି ପାଳନକରି ମୃତ୍ୟୁ ପରେ ଶିବଲୋକ ପ୍ରାପ୍ତି ହେଲା।

ପିଲାମାନେ, ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କିଛି ସମୟ ଏକାଗ୍ରଭାବରେ ନିଜକୁ ସମର୍ପିଦେବାର ଲକ୍ଷ୍ୟ ହେଉଛି 'ଉପବାସ ପାଳନ' ର ସଙ୍କେତ।

–ପ୍ରଧାନ ଶିକ୍ଷୟିତ୍ରୀ, ଏଗ୍ରିକଲ୍‌ଚର କଲୋନୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍–୮, ଭୁବନେଶ୍ୱର

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼




## ଖିଲିଖିଲି ହସ

**ଅମନ:** ଗଗନ, ଜଣେ ଅଟୋ ଚଳାଉଥିବା ଅଙ୍କଲ ସବୁଦିନ ଏଇ ପାର୍କକୁ ଆସି ତାଙ୍କ ଅଟୋରୁ ଗୋଟିଏ ଚକା କାଢ଼ି ସାଥିରେ ନେଇଯାନ୍ତି। ଏମିତି କାହିଁକି କରନ୍ତି ଜାଣିଛୁ ?
**ଗଗନ:** (କେତେ ସମୟ ଭାବିଲା ପରେ କହିଲା)–କେଜାଣି !
**ଅମନ:** ଆରେ ପାର୍କିଂ ଜାଗାରେ ଲେଖା ଅଛି ଏଠାରେ ଦୁଇଚକିଆ ଯାନ ଲାଗି ଫ୍ରି..

ମୋନୁ: ଗୋଲୁ, ଆଜି ତ ତୁମର ମୋହନ ଟିମ୍ ସହିତ ମ୍ୟାଚ୍ ଥିଲା, ତେବେ କିଏ ଜିତିଲା ?
ଗୋଲୁ: ପ୍ରଥମେ ଆମେ ଜିତିଲୁ, ପୁଣି ମୋହନ୍ ଟିମ୍ !
ମୋନୁ: ଏହା କିପରି ସମ୍ଭବ, ମ୍ୟାଚ୍ ତ ଗୋଟିଏ ଥିଲା ତେବେ ଦୁଇଜଣ ଜିତିଲ କେମିତି ?
ଗୋଲୁ: ପ୍ରଥମେ ଆମେ ଟସ୍ ଜିତିଲୁ, ତା'ପରେ ସେମାନେ ମ୍ୟାଚ୍!

ପ୍ରୀତି: ରିଙ୍କି କହିଲୁ, ମଣିଷର ଦୃଷ୍ଟିଶକ୍ତି ଅଧିକ ନା ପ୍ରାଣୀଙ୍କର ?
ରିଙ୍କି: ପ୍ରାଣୀଙ୍କର
ପ୍ରୀତି: କେମିତି ଜାଣିଲୁ ?
ରିଙ୍କି: କାହିଁକିନା, ପ୍ରାଣୀମାନେ କେବେ ଚଷମା ପିନ୍ଧନ୍ତିନି ।

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ

**ହିନ୍ଦୁ ପୁରାଣ ଅନୁଯାୟୀ ଭଗବାନ ଶିବ ଆମ ଦେଶର ୧୨ଟି ସ୍ଥାନରେ ସ୍ୱୟଂ ପ୍ରକଟ ହୋଇଥିଲେ। ଉକ୍ତ ସ୍ଥାନରେ ପୂଜା ପାଉଥିବା ଶିବଲିଙ୍ଗ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାବେ ବିଖ୍ୟାତ। ସେହି ସବୁ ଜ୍ୟୋତିର୍ଲିଙ୍ଗ ସମ୍ପର୍କରେ....**



❖ **ସୋମନାଥ:** ଗୁଜରାଟର ସୌରାଷ୍ଟ୍ରଠାରେ ଅବସ୍ଥିତ ସୋମନାଥ ଶିବଲିଙ୍ଗ କେବଳ ଭାରତର ନୁହେଁ ବରଂ ସମଗ୍ର ବିଶ୍ୱର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବେ ବିଖ୍ୟାତ।



❖ **ମଲ୍ଲିକାର୍ଜୁନ:** ଆନ୍ଧ୍ରପ୍ରଦେଶର କ୍ରିଷ୍ଣାନଦୀ କୂଳରେ ଅବସ୍ଥିତ ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ ।



❖ **ମହାକାଳେଶ୍ୱର:** ମଧ୍ୟପ୍ରଦେଶର ଧାର୍ମିକ ସହର ଉଜ୍ଜୟନୀଠାରେ ଅବସ୍ଥିତ ଏହି ପ୍ରସିଦ୍ଧ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ।



❖ **ଓମ୍କାରେଶ୍ୱର:** ମଧ୍ୟପ୍ରଦେଶର ଇନ୍ଦୋରଠାରେ ନର୍ମଦା ନଦୀକୂଳରେ ବିରାଜିତ ଓମ୍କାରେଶ୍ୱର ଜ୍ୟୋତିର୍ଲିଙ୍ଗ । ଏହି ଜ୍ୟୋତିର୍ଲିଙ୍ଗ ଓଁର ଆକାର ସ୍ୱରୂପ ହୋଇଥିବାରୁ ଏହାକୁ ଓମ୍କାରେଶ୍ୱର ବୋଲି କୁହାଯାଏ।



❖ **କେଦାରନାଥ:** ଉତ୍ତରାଖଣ୍ଡରେ ଥିବା ଏହି ଜ୍ୟୋତିର୍ଲିଙ୍ଗ ସମୁଦ୍ରପତ୍ତନଠାରୁ ପ୍ରାୟ ୩୫୮୪ ମିଟର ଉଚ୍ଚରେ ରହିଛି।



❖ **ଭୀମଶଙ୍କର:** ମହାରାଷ୍ଟ୍ରର ପୁଣେ ସହରରେ ବିରାଜିତ ଏହି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ।



❖ **କାଶୀବିଶ୍ୱନାଥ:** ଉତ୍ତରପ୍ରଦେଶ ବାରଣାସୀର କାଶୀଠାରେ ଅବସ୍ଥିତ କାଶୀବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ ।



❖ **ତ୍ରୟମ୍ବକେଶ୍ୱର:** ମହାରାଷ୍ଟ୍ରର ନାସିକ୍ଠାରେ ଗୋଦାବରୀ ନଦୀ କୂଳରେ ଥିବା ଏହି ଜ୍ୟୋତିର୍ଲିଙ୍ଗ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ।



❖ **ବୈଦ୍ୟନାଥ:** ଝାଡଖଣ୍ଡର ଦେଓଘର ଠାରେ ଅବସ୍ଥିତ ଥିବା ଏହି ଜ୍ୟୋତିର୍ଲିଙ୍ଗ ସ୍ଥଳକୁ ବୈଦ୍ୟନାଥଧାମ କୁହାଯାଏ।



❖ **ନାଗେଶ୍ୱର:** ଗୁଜରାଟର ଦ୍ୱାରକାଠାରେ ଏହି ଜ୍ୟୋତିର୍ଲିଙ୍ଗ ଅବସ୍ଥିତ। ଶିବଙ୍କୁ ନାଗମାନଙ୍କ ରାଜା ବୋଲି କୁହାଯାଏ। ତେଣୁ ଏଠାରେ ଭଗବାନ ଶିବ ନାଗେଶ୍ୱର ରୂପେ ପୂଜାପା'ନ୍ତି।



❖ **ରାମେଶ୍ୱରମ୍ :** ତାମିଲନାଡୁର ରାମନାଥପୁରମ୍ଠାରେ ଥିବା ଏହି ଜ୍ୟୋତିର୍ଲିଙ୍ଗଙ୍କୁ ସ୍ୱୟଂ ଭଗବାନ ଶ୍ରୀରାମ ସ୍ଥାପନା କରିଥିଲେ ବୋଲି ବିଶ୍ୱାସ ରହିଛି।



❖ **ଘୃଷ୍ଣେଶ୍ୱର:** ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲାର ଭେରୁଲଠାରେ ବିରାଜିତ ଏହି ଜ୍ୟୋତିର୍ଲିଙ୍ଗ । ଉକ୍ତ ଶୈବପୀଠ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଅଜନ୍ତା- ଏଲୋରା ଗୁମ୍ଫା ।

## ଭଗବାନ ଶିବଙ୍କ ବିଭିନ୍ନ ନାମ





ପଶୁପତିନାଥ
ରୁଦ୍ର
ଗଙ୍ଗାଧର
ନୀଳକଣ୍ଠ
ନଟରାଜ
ତ୍ରିଶୂଳଧାରୀ
ଶଙ୍କର
ଶମ୍ଭୁ
ଭୋଳାନାଥ
ତ୍ରୟମ୍ବକେଶ୍ୱର
ନାଗେଶ୍ୱର
ଲିଙ୍ଗରାଜ
ମହାକାଳ
ଲୋକନାଥ
ଭୈରବ
ମହାଦେବ
କୈଳାସାଧିପତି
ମହେଶ୍ୱର
ନାଗରାଜ
ଓଁକାର
ପଶୁପତି
ତ୍ରିଲୋଚନ

## ଓଡ଼ିଶାର ପ୍ରମୁଖ ଶୈବପୀଠ

| | |
|---|---|
| ଲିଙ୍ଗରାଜ | ଭୁବନେଶ୍ୱର |
| କପିଳାସ | ଢେଙ୍କାନାଳ |
| ଶ୍ରୀଲୋକନାଥ | ପୁରୀ |
| ଧବଳେଶ୍ୱର | କଟକ |
| ପଞ୍ଚଲିଙ୍ଗେଶ୍ୱର | ବାଲେଶ୍ୱର |
| ଗୁପ୍ତେଶ୍ୱର | କୋରାପୁଟ |
| ଆଖଣ୍ଡଳମଣି | ଭଦ୍ରକ |
| ଚନ୍ଦନେଶ୍ୱର | ବାଲେଶ୍ୱର |
| ବେଲେଶ୍ୱର | ପୁରୀ |
| ହୁମା | ସମ୍ବଲପୁର |
| ମୁକ୍ତେଶ୍ୱର | ଭୁବନେଶ୍ୱର |
| ହରିଶଙ୍କର | ବଲାଙ୍ଗିର |
| ଲଡୁକେଶ୍ୱର | ନୟାଗଡ |



# ତୁମ ତୁଳିରୁ

୧

ଅର୍ପିତା ବେହେରା
କ୍ଲାସ-୩,
ସେଣ୍ଟ ଜୋସେଫ୍
ସ୍କୁଲ୍, ରାଉରକେଲା

୨


ଇତ୍ୟାଷା ନାୟକ
କ୍ଲାସ-୧,
ବ୍ୟାସନଗର ପବ୍ଲିକ୍
ସ୍କୁଲ, ଢୁବୁରି, ଯାଜପୁର

୩

ସ୍ଥିତି ସ୍ୱୀକୃତି ପ୍ରଧାନ
କ୍ଲାସ-୬, ଭକ୍ତି ବେଦାନ୍ତ
ପବ୍ଲିକ୍ ସ୍କୁଲ୍,
ଗୁଡିଆପୋଖରୀ,
ଭୁବନେଶ୍ୱର

୪

ଶାନ୍ତନୁ ସାଇସ୍ୱରୂପ
କ୍ଲାସ-ନର୍ସରୀ
ସୋଭନିୟର ପ୍ଲେ ସ୍କୁଲ୍,
ପୋଖରୀପୁଟ୍

୫

ସ୍ୱୟଂସ୍ମିତା ପାଢୀ
କ୍ଲାସ୍- କେଜି୨,
ସତ୍ୟସାଇ ବିଦ୍ୟା ମନ୍ଦିର,
ବାଲୁଗାଁ, ଖୋର୍ଦ୍ଧା

୬

ସତ୍ୟମ୍ ଷଡଙ୍ଗୀ
କ୍ଲାସ-୫,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଟାଙ୍ଗୀ, କଟକ

୭

ଅଦିତି ମହାନ୍ତି
କ୍ଲାସ-୨, ଶ୍ରୀ ଅରବିନ୍ଦ
ଶିକ୍ଷାକେନ୍ଦ୍ର,
ଖଲ୍ଲିକୋଟ, ବ୍ରହ୍ମପୁର

୮


ଅନ୍ସୁଲ୍ ଦାସ
କ୍ଲାସ-୩, ଲିଟିଲ
ଫ୍ଲାୱାର ସ୍କୁଲ୍,
ବଲାଙ୍ଗୀର

୯

ଆର୍ଯ୍ୟାଂଶ ଉତ୍ତରା
କ୍ଲାସ୍-୪, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର, ଡୁମ୍‌ଡୁମା,
ଭୁବନେଶ୍ୱର

୧୦

ଦେବୀଦତ୍ତ ମହନ୍ତ
କ୍ଲାସ-୫, ସେଣ୍ଟ
ଜୋସେଫ୍ ସ୍କୁଲ୍,
ରାଉରକେଲା


୧


୨


୩


୯


୪


୬


୭


୮


୫


୧୦

# କବିତା



## ମହାଶିବରାତ୍ରି

ମହାଶିବରାତ୍ରି ଶିବ ଚତୁର୍ଦ୍ଦଶୀ
ବର୍ଷକେ ପବିତ୍ର ଦିନ
ଦେବଙ୍କର ଦେବ ମହାଦେବଙ୍କର
ସୃଷ୍ଟିର ପ୍ରାରମ୍ଭ ଦିନ।
ଏହି ଦିନ ଭକ୍ତ ଉଜାଗର ରହି
ଗୃହରେ, ଶୈବପୀଠରେ
ଘିଅ ଦୀପ ଜାଳି ପଞ୍ଚାକ୍ଷର ଜପ
କରନ୍ତି ଭକ୍ତି ଭାବରେ।
ବିଶ୍ୱ ସୃଷ୍ଟିକର୍ତ୍ତା ଶିବ ଶମ୍ଭୁ ହର
କର ସନ୍ଥଙ୍କୁ ତାରଣ
ପାପି ତରିଯାଏ ତପି ତରି ଥାଏ
ତୁମ ପାଦେ ରଖି ଧ୍ୟାନ।
ଅଜାଣତେ ବ୍ୟାଧ ଦେଇ ବେଲପତ୍ର
ଶିବଲିଙ୍ଗେ ଉଜାଗରେ
ପ୍ରାଣୀ ହତ୍ୟା ମହାପାପରୁ ତାରିଲ
ଗଣାହେଲା ଭକତରେ।
ବ୍ରାହ୍ମଣ ଗୋଧନ ରକ୍ଷାକରି ପ୍ରଭୁ
ତୁମେ ଯେ ଧବଳେଶ୍ୱର
ହେ ତ୍ରିଶୂଳଧାରୀ ନାଗ ଆଭୂଷଣେ
ନାମ ବହ ନାଗେଶ୍ୱର।
ଆଜି ଅଟେ ସେହି ମହାଶିବରାତ୍ରି
ଜାଜ୍ୱଲିତ ଦେବାଳୟ
ଧୂପଦୀପ ବେଲପତ୍ର ବାସନାରେ
ଲାଗେ ପୀଠ ଶିବମୟ।
ମହାଦୀପ ଉଠେ ପୂଜକଙ୍କ ମନ୍ତ୍ରେ
ଥରିଉଠେ ଦେହ ମନ
ପବିତ୍ର ମନ୍ତ୍ରରେ ପୂତହେଉ ପୀଠ
ସଂସାର ହେଉ ହେ ଧନ୍ୟ।

**– ସବିତା ମଞ୍ଜରୀ ଦାଶ,** ସେକ୍ଟର-୯,
ସିଡିଏ, କଟକ, ମୋ:୯୪୩୭୭୪୪୧୦୦

## ଜୟ ଭୋଳାନାଥ

ଶୀତ ଚାଲିଗଲା ଦୂରକୁ ଦୂରକୁ
ବସନ୍ତର ଆଗମନ,
ବଉଳମାଳରୁ ଶୁଭୁଛି ଶୁଭୁଛି
କୁହୁକୁହୁ ମିଠାଗାନ।
ପ୍ରକୃତି ରାଣୀଟା ହସୁଛି ହସୁଛି
ଖିଲିଖିଲି ତା'ର ହସ,
ଫୁଲର ମହକ ବାସୁଛି ବାସୁଛି
ମହକୁଛି ଚଉପାଶ।
ସୁଲୁସୁଲୁ ବାଆ ବହୁଛି ବହୁଛି
ମନ ମୋ ନେଉଛି ମୋହି,
କେତେଲୋ ପରବ ଆସୁଛି ଆସୁଛି
ଅସରନ୍ତି ଖୁସି ନେଇ।
ଜାଗର ପରବ ଆସିଲା ଆସିଲା
ଆନନ୍ଦ ଉତ୍ସବ ଆମ,
ମନ୍ଦିରରେ ଶଙ୍ଖ ବାଜିଲା ବାଜିଲା
ଘଣ୍ଟ ସଙ୍ଗେ 'ଶିବ' ନାମ।
'ଜୟ ଭୋଳାନାଥ' ଶୁଭିଲା ଶୁଭିଲା
ଚାଲ ଟିକେ ବେଗ ବେଗ,
କେମିତି ଚାଲିବି କହଲୋ କହଲୋ
ହାତେ ଘିଅ ଦୀପ, ଭୋଗ।
ଘିଅ ଦୀପଟିଏ ଜାଳିବି ଜାଳିବି
ଥିଲା ମୋ ମନରେ ଆଶା,
ହେଲାଲୋ ମନ୍ଦିର ଜାଳଲୋ ଜାଳଲୋ
ବୁଝିବେ ସେ ମନ ଭାଷା।

**– ପ୍ରତିଭା ସାହୁ,** ତାମ୍ରିତ କଲୋନୀ,
ଅନୁଗୋଳ, ମୋ: ୯୮୬୧୧୫୧୭୫୦



## ଜାଗର ପର୍ବ

ଉଜାଗର ରହି ଜାଗର ଜାଳିବା
ଆସରେ ସଭିଁଏ ଆସ
ଭକ୍ତିପୂତ ଚିତ୍ତେ କରିବା ପ୍ରାର୍ଥନା
ତୋଷ ହେବେ ଆଶୁତୋଷ।

ଧାଡ଼ିକୁ ତ ଧାଡ଼ି ଠିଆ ହୋଇଛନ୍ତି
ଗୁହାରି କରିବା ପାଇଁ
ନାନା କିସମର ଫୁଲ, ଭୋଗ
ନେଇ
ଆସିଛନ୍ତି କାହୁଁ ଧାଇଁ।

ଆକୁଳ ଭାବରେ ଅଶ୍ରୁଳ ନୟନେ
ଜଣାଇବା ସବୁ ଦୁଃଖ
ବିପଦୁ ମୁକତି କରି ଭୋଳାନାଥ
ଘଣ୍ଟ ଘୋଡ଼ାଇଣ ରଖ।

ଘଣ୍ଟ ଘଣ୍ଟା ତାଳେ ମନ୍ଦିର ପ୍ରାଙ୍ଗଣେ
ପ୍ରକମ୍ପିତ ଲିଙ୍ଗରାଜ
ଉପବାସକରି ଶ୍ରଦ୍ଧାଳୁଗଣ ଯେ
ଧରି ନିଜ ନିଜ ସଜ।

ମସ୍ତକରୁ ଗଙ୍ଗା ହୋଇଛନ୍ତି ଉଭା
ଗଳାରେ ସର୍ପର ମାଳ
ଶରୀରେ ମଶାଣି ପାଉଁଶର ବୋଳା
ପରିଧାନେ ବ୍ୟାଘ୍ର ଛାଲ।

ଦୁଦୁରା ଫୁଲ ଓ ବେଲପତରରେ
ଶ୍ରଦ୍ଧା ଥାଏ ତବ ଆଗ
କଞ୍ଚା କ୍ଷୀର ଆଉ ପାଚିଲା କଦଳୀ
ନାରିକେଳ ଅଗ୍ର ଭୋଗ।

ସଂହାର କର ସଂସାରକୁ ପ୍ରଭୁ
ତୁମେ ପରା ସବୁ ଜାଣ
ସେଥିପାଇଁ ତବ ନାମ ତ ବିଖ୍ୟାତ
ବୋଲାଇଛ ତ୍ରିଲୋଚନ।

ସକଳ ବିପଦୁ ରକ୍ଷାକର ହର
ତୁମେ ଅଟ ଅନ୍ତର୍ଯ୍ୟାମୀ
ଘଟ ଥିବାଯାଏ ପ୍ରାଣୀର ପ୍ରାଣରେ
ଥାଏ ତବ ଅନୁଗାମୀ।

ଓଁ ନମଃ ଶିବାୟ ମନ୍ତ୍ରେ
ଅଭିଭୂତ ହୋଇ
ଭଜି ଭଜି ନାମ ହରି
ଆଶିଷ ଲଭିଣ ପାରି ହୋଇଯାଉ
ଏହି ଜୀବନର ତରି ।

ଜାଗର ପର୍ବରେ ଶ୍ରଦ୍ଧାସୁମନରେ
ହୁଏ ଭଜନର ଗୀତି
ମୁଗ୍ଧରେ ସଭିଁଏ ନୃତ୍ୟ କରିଥାନ୍ତି
ଗାଇଣ ତୁମରି କୀର୍ତ୍ତି।

ହେ ଭୋଳାଶଙ୍କର
ବାରେ ରକ୍ଷାକର
କରୁଣା ଡମ୍ବରୁ ବଜାଇ
ନାଶ କର
ଶତ୍ରୁ ତ୍ରିଶୂଳରେ ତବ
'ଓଁ ତ୍ର୍ୟମ୍ବକଂ ' ସାଇଁ।

**– ରଶ୍ମିରେଖା ମିଶ୍ର**
ଓଲ୍ଡ ଟାଉନ୍, ଭୁବନେଶ୍ୱର

## ଏଥରର ପ୍ରଶ୍ନ




- ଶିବ କେଉଁ ପର୍ବତରେ ବାସ କରୁଥିଲେ ବୋଲି ବିଶ୍ୱାସ ରହିଛି ?
- ଶିବଙ୍କ ଜଟାରୁ କେଉଁ ନଦୀ ପ୍ରବାହିତ ହୋଇଛି ?
- କେଉଁ ଓଡିଆ ମାସରେ ମହାଶିବରାତ୍ରି ପାଳନ କରାଯାଏ ?
- ଶିବଙ୍କ ନୃତ୍ୟରତ ଅବତାର କେଉଁ ନାମରେ ଖ୍ୟାତ ?
- ଶିବଙ୍କ ପୂଜା ଲାଗି କେଉଁ ପତ୍ର ବ୍ୟବହାର କରାଯାଏ ?
- ଶିବଙ୍କ ବାହନ କିଏ ?
- ଭଗବାନ ଶିବଙ୍କ ଧନୁର ନାମ କ'ଣ ?

## ଆରଥରର ଉତ୍ତର

- ଗୁଜରାଟ
- ଉତ୍ତରପ୍ରଦେଶ
- ରାଜସ୍ଥାନ
- ପଶ୍ଚିମବଙ୍ଗ
- ପଞ୍ଜାବ
- କର୍ଣ୍ଣାଟକ
- କଶ୍ମୀର


## ପାର୍ଥକ୍ୟ ଦର୍ଶାଅ



# ନାଁ ପାଇଁ ଜୀବନକୁ ପାଣି ଛଡ଼େଇବା

## ବିଚିତ୍ର ବୈଜ୍ଞାନିକ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା





ଅନେକ ଲୋକ ଅଛନ୍ତି ଯେଉଁମାନେକି ଜୀବନକୁ ପାଣି ଛଡେଇ କାମ କରନ୍ତି, ନାଁ କମେଇବାକୁ। ସେମାନେ ଜାଣନ୍ତି ଯେ ଆଜିର ଜୀବନ କାଲିକି ନାହିଁ। ହେଲେ ବଡ କାମ କରି କମେଇଥିବା ନାଁ ରହିଯାଏ ଯୁଗ ଯୁଗକୁ। ଏହିଭଳି ଭାବନା ଥିଲା ଫ୍ରାନ୍ସର ପିଲାଟ୍ରେ ଡି ରୋଜିଅରଙ୍କର। ସେ ସେମିତି କିଛି ବଡ ବୈଜ୍ଞାନିକ ନ ଥିଲେ। ଥିଲେ ଜଣେ ସଂଭ୍ରାନ୍ତ ବଂଶର ଯୁବକ। ହେଲେ, ବିଜ୍ଞାନ ପ୍ରତି ତାଙ୍କର ଥିଲା ପ୍ରଗାଢ ଶ୍ରଦ୍ଧା।

ଇଂଲଣ୍ଡର ଦୁଇ ଭାଇ ରାଇଟ୍ ବ୍ରଦର୍ସ ସାରା ଦୁନିଆରେ ବିଖ୍ୟାତ। କାରଣ ସେମାନେ ପ୍ରଥମେ ଉଡ଼ିପାରୁଥିବା ଯାନଟିଏ ଉଦ୍ଭାବନ କରିଥିଲେ। ଏଥିରେ ମଣିଷକୁ ନେଇ ଉଡିବା ସମ୍ଭବ ହୋଇଥିଲା। ସେହି ଯାନଟି ହେଲା ପ୍ରଥମ ଉଡାଜାହାଜ। ତାଙ୍କ ପୂର୍ବରୁ ବେଲୁନ୍ ସାହାଯ୍ୟରେ ମଣିଷର ଉଡାଣକୁ ପ୍ରଥମେ ପରୀକ୍ଷା କରିଥିଲେ ମୋଣ୍ଟଗୋଲଫର୍ ଭ୍ରାତୃଦ୍ୱୟ। ହେଲେ ଏଥିରେ ଯିବାକୁ ଆଗେ କେହି ରାଜି ହେଉ ନ ଥିଲେ। କାରଣ ଏହା ଆଗରୁ ସେମାନେ ବତକ, କୁକୁଡା ଏବଂ ମେଣ୍ଢାଙ୍କୁ ନେଇ କରିଥିବା ଉଡାଣଗୁଡିକ ସଫଳ ହୋଇ ନ ଥିଲା। ପାଞ୍ଚରୁ ଆଠ ମିନିଟ୍ ଉଡିଲା ପରେ ତାହା ସବୁ ଖସି ପଡିଥିଲା। ଫଳରେ ସେଥିରେ ଯାତ୍ରା କରିଥିବା ଜୀବଗୁଡିକୁ ମୃତ୍ୟୁବରଣ କରିବାକୁ ପଡିଥିଲା। ହେଲେ, ବେଲୁନ୍‌ରେ ପ୍ରଥମେ ମଣିଷ ରୂପେ ଉଡିବାକୁ ରୋଜିଅର୍‌ଙ୍କର ଭାରି ଇଚ୍ଛା ଥିଲା। କାରଣ ସେ ଜାଣିଥିଲେ ଯେ ଏଥିରେ ସଫଳ ହେଲେ ତାଙ୍କ ନାଁ ଚାରିଆଡ଼େ ବ୍ୟାପିଯିବ। କାଳ କାଳକୁ ତାହା ଅମର ରହିବ। ତେଣୁ ସେ ମୋଣ୍ଟଗୋଲଫର୍ ଭ୍ରାତୃଦ୍ୱୟଙ୍କୁ ଭେଟି ଏ କଥା ପକ୍କା କରିଦେଲେ।

ଏକଥା ରାଜାଙ୍କ କାନରେ ପଡିଲା। ରୋଜିଅର୍‌ଙ୍କ ଭଳି ଜଣେ ଉଦୀୟମାନ ଯୁବକଙ୍କୁ ମରଣ ମୁହଁକୁ ଠେଲି ଦେବାକୁ ସେ ରାଜି ହେଲେନି ବରଂ ତାଙ୍କ ବଦଳରେ ମୃତ୍ୟୁଦଣ୍ଡ ପାଇଥିବା ଜଣେ ଅପରାଧୀକୁ ଏଥିରେ ପଠାଇ ପରୀକ୍ଷା କରିବାକୁ ସେ ପ୍ରସ୍ତାବ ଦେଲେ। ତେବେ ରୋଜିଅର୍ ଥିଲେ ନଛୋଡବନ୍ଧା। ଜଣେ ଅପରାଧୀକୁ ଏତେବଡ ସମ୍ମାନର ଅଧିକାରୀ ହେବା ଅନୁଚିତ ବୋଲି କହି ସେ ରାଜାଙ୍କ ପାଖରେ ଗୁହାରି କଲେ।

ହେଲେ ରାଜା ତଥାପି ମାନିଲେନି, ଏଣୁ ରୋଜିଅର୍ ନୂଆ ଉପାୟଟିଏ ସ୍ଥିର କଲେ। ସେ ଦାଢ଼ୁଆ ଛୁରିଟିଏ ଧରି ଆସି ରାଜାଙ୍କ ନିକଟରେ ପହଞ୍ଚିଲେ। ତାଙ୍କୁ ଏଥିପାଇଁ ଅନୁମତି ନ ଦେଲେ ସେ ସେଇଠି ଆତ୍ମହତ୍ୟା କରିବେ ବୋଲି କହିଲେ। ଶେଷରେ ତାଙ୍କ କଥା ରହିଲା, ସେ ୨୧ ନଭେମ୍ବର ୧୭୮୩ରେ ମୋଣ୍ଟଗୋଲଫର୍ ଭ୍ରାତୃଦ୍ୱୟଙ୍କ ତିଆରି ବେଲୁନ୍‌ରେ ବସି ପ୍ରଥମ ମଣିଷ ରୂପେ ଆକାଶରେ ଉଡିଲେ। ସୌଭାଗ୍ୟକୁ ଏ ଉଡାଣ ସଫଳ ହେଲା। ସେ ନିରାପଦରେ ତଳକୁ ଓହ୍ଲାଇଥିଲେ। ଫଳରେ ତାଙ୍କ ନାଁ ଚିରକାଳକୁ ଅମର ରହିଗଲା।

– ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ:୯୯୩୭୯୮୫୭୬୭



ଭାରତରେ ଗଙ୍ଗା ଏବଂ ବ୍ରହ୍ମପୁତ୍ର ନଦୀରେ ସର୍ବାଧିକ ବନ୍ୟା ଆସୁଥିବାର ରେକର୍ଡ କରାଯାଇଛି।

ହିନ୍ଦୀ ଭାଷା ପରେ ଭାରତର ଦ୍ୱିତୀୟ ସର୍ବାଧିକ କଥିତ ଭାରତୀୟ ଭାଷା ହେଉଛି ବଙ୍ଗଳା। ଦେଶ ଜନସଂଖ୍ୟାର ପ୍ରାୟ ୮ ପ୍ରତିଶତ ବ୍ୟକ୍ତି ବଙ୍ଗଳା ଭାଷା କହିଥାନ୍ତି।






ଆଫ୍ରିକା ଏବଂ ୟୁରୋପ ମହାଦେଶର କେତେକ ଅଞ୍ଚଳରେ 'ୱାଲେସ୍ ଫ୍ଲାଇଙ୍ଗ୍ ଫ୍ରଗ୍' ନାମକ ଏକ ପ୍ରକାର ବେଙ୍ଗ ଦେଖାଯାଏ ଯିଏ ଗଛରୁ ଗଛକୁ ଉଡିପାରେ।

## ଜଣା ଅଜଣା



ଶୁକ୍ର ହେଉଛି ସୌରମଣ୍ଡଳର ଏକମାତ୍ର ଗ୍ରହ ଯିଏକି ଘଣ୍ଟାର ବିପରୀତ ଦିଗରେ ଘୂର୍ଣ୍ଣନ କରିଥାଏ।



ପୃଥିବୀ ବାୟୁମଣ୍ଡଳର ୨୦ ପ୍ରତିଶତ ଅମ୍ଳଜାନ କେବଳ ଆମାଜନ ଅରଣ୍ୟ ଦ୍ୱାରା ଉତ୍ପନ୍ନ ହୋଇଥାଏ।

# ଆଇନା



ମୋହି
୫ ବର୍ଷ



ପ୍ରତ୍ୟାଶା
୮ ବର୍ଷ



ଅନନ୍ୟ
ଅନୁପମ
୫ ବର୍ଷ